# NATIONAL NEWS BULLETIN (ODIA)

## 12 February - 2025

## Evening Bulletin : 7.15 P.M.

***********************************

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସର ମର୍ସେଲିଠାରେ ନବନିର୍ମିତ ଭାରତୀୟ ଦୂତାବାସକୁ ମିଳିତ ଭାବେ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ

– ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୧୦ଟି ନୀତିଗତ ନିଷ୍ପତ୍ତି ଚୂଡ଼ାନ୍ତ

- ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଓ ମାଳଦ୍ୱୀପ ବାଚସ୍ପତିଙ୍କ ମଧ୍ୟରେ ଦ୍ୱିପକ୍ଷୀୟ ଆଲୋଚନା

- ୨୦୨୯ ମସିହା ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ; କହିଲେ ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ

ଏବଂ

- ଅହମ୍ମଦାବାଦରେ ଖେଳାଯାଉଥିବା ଭାରତ–ଇଂଲଣ୍ଡ ତୃତୀୟ ତଥା ଚୂଡ଼ାନ୍ତ ଏକଦିବସୀୟ କ୍ରିକେଟ ମ୍ୟାଚ୍‌ରେ ଇଂଲଣ୍ଡ ସମ୍ମୁଖରେ ୩୫୭ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଭାରତ

# ପିଏମ୍‌-ମାର୍ସେଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଆଜି ମିଳିତ ଭାବେ ମାର୍ସେଲିଠାରେ ନବନିର୍ମିତ ଭାରତୀୟ ଦୂତାବାସକୁ ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍‌ଙ୍କ ଦ୍ୱାରା ଦୂତାବାସ୍ ଉଦ୍‌ଘାଟନ ଭାରତ ଏବଂ ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଐତିହାସିକ ଘଟଣା। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଉଦ୍‌ଘାଟନୀ ଉତ୍ସବରେ ରାଷ୍ଟ୍ରପତି ମାକ୍ରୋନଙ୍କ ଉପସ୍ଥିତିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

ଉଭୟ ନେତା ମିଳିତ ଭାବେ ଆଜି କାଡାରାଚେସ୍ଥିତ ଅନ୍ତର୍ଜାତୀୟ ଥର୍ମୋନ୍ୟୁକ୍ଲିୟର ରିଏକ୍ଟର ପରୀକ୍ଷଣ କେନ୍ଦ୍ର – ଆଇ.ଟି.ଇ.ଆର ପରିଦର୍ଶନ କରିଥିଲେ। ଉଭୟ ନେତାଙ୍କୁ ଆଇ.ଟି.ଇ.ଆର ମହାନିର୍ଦ୍ଦେଶକ ସ୍ୱାଗତ କରିଥିଲେ। ଏହା କୌଣସି ରାଷ୍ଟ୍ରମୁଖ୍ୟଙ୍କ ପ୍ରଥମ ଆଇ.ଟି.ଇ.ଆର ଗସ୍ତ ଥିଲା। ଏହା ହେଉଛି ବିଶ୍ୱର ସବୁଠାରୁ ମହତ୍ତ୍ୱାକାଂକ୍ଷୀ ଫ୍ୟୁଜନ ଏନର୍ଜି ପ୍ରକଳ୍ପ ମଧ୍ୟରୁ ଅନ୍ୟତମ । ଏହି ଗସ୍ତ ସମୟରେ ନେତାମାନେ ବିଶ୍ୱର ସର୍ବବୃହତ ଟୋକାମାକ୍‌ର ଆସେମ୍ବ୍ଲି ସମେତ ଆଇ.ଟି.ଇ.ଆର.ର

ଅଗ୍ରଗତିକୁ ପ୍ରଶଂସା କରିଥିଲେ। ଏହି ଥର୍ମୋନ୍ୟୁକ୍ଲିୟର  ରିଏକ୍ଟର ପରୀକ୍ଷଣ କେନ୍ଦ୍ରରେ ୫୦୦ ମେଗାଓ୍ୱାଟ୍ ଫ୍ୟୁଜନ ଶକ୍ତି ଉତ୍ପାଦନ କରାଯିବ । ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଆଇ.ଟି.ଇ.ଆର ଇଞ୍ଜିନିୟର ଏବଂ ବୈଜ୍ଞାନିକଙ୍କ ସମର୍ପଣ ଭାବକୁ ଉଭୟ ନେତା ପ୍ରଶଂସା କରିଥିଲେ। ପରେ ଉଭୟ ନେତା ମାର୍ସେଲିର ମଜାର୍ଗେଜ୍ ଯୁଦ୍ଧସ୍ମାରକସ୍ଥଳୀ ପରିଦର୍ଶନ କରିବା ସହ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ଭାରତୀୟ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପିଏମ୍ ମାକ୍ରୋନ୍ ଟକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀର ସମସ୍ତ ଦିଗ ଉପରେ ଆଲୋଚନା କରିବା ସହ ପ୍ରତିରକ୍ଷା, ବେସାମରିକ ପରମାଣୁ ଶକ୍ତି ଏବଂ ମହାକାଶ ଭଳି ରଣନୈତିକ କ୍ଷେତ୍ରରେ ସହଯୋଗର ସମୀକ୍ଷା କରିଛନ୍ତି। ଗତକାଲି ଦ୍ୱିପାକ୍ଷିକ ଆଲୋଚନା ବେଳେ ଉଭୟ ନେତା ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଦୁଇ ନେତାଙ୍କ ବ୍ୟକ୍ତିଗତ ସମ୍ପର୍କକୁ ପ୍ରତିଫଳିତ କରି ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ଗତକାଲି ଫ୍ରାନ୍ସ ରାଷ୍ଟ୍ରପତି ବିମାନରେ ପ୍ୟାରିସରୁ ମାର୍ସେଲି ଅଭିମୁଖେ ଏକାଠି ଯାତ୍ରା କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କର ସମ୍ପୂର୍ଣ୍ଣ ଦିଗ ଏବଂ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ଏବଂ ଆଞ୍ଚଳିକ

ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହାପରେ ମାର୍ସେଲିରେ ପହଞ୍ଚିବା ପରେ ପ୍ରତିନିଧି ସ୍ତରୀୟ ଆଲୋଚନା ହୋଇଥିଲା।

ପ୍ରଯୁକ୍ତି ବିଦ୍ୟା ଏବଂ ଉଦ୍ଭାବନ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିଥିଲେ । ନିକଟରେ ଶେଷ ହୋଇଥିବା 'ଏଆଇ ଆକ୍ସନ ଶିଖର ସମ୍ମିଳନୀ ଏବଂ ୨୦୨୬ରେ ହେବାକୁ ଥିବା ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ପରିପ୍ରେକ୍ଷୀରେ ଏହି ଭାଗିଦାରୀ କ୍ଷେତ୍ର ଅଧିକ ଗୁରୁତ୍ୱ ବହନ କରୁଛି । ନେତାମାନେ ବାଣିଜ୍ୟ ଓ ନିବେଶ ସମ୍ପର୍କ ବୃଦ୍ଧି ପାଇଁ ଆହ୍ୱାନ ଦେବା ସହ ୧୪ତମ ଭାରତ-ଫ୍ରାନ୍ସ ସିଇଓ ଫୋରମର ରିପୋର୍ଟକୁ ସ୍ୱାଗତ କରିଛନ୍ତି।

ସ୍ୱାସ୍ଥ୍ୟ, ସଂସ୍କୃତି, ପର୍ଯ୍ୟଟନ, ଶିକ୍ଷା ଏବଂ ଲୋକ ସମ୍ପର୍କ କ୍ଷେତ୍ରରେ ସହଯୋଗକୁ ନେଇ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଉଭୟ ନେତା ଭାରତ-ପ୍ରଶାନ୍ତ ମହାସାଗରୀୟ ତଥା ଆନ୍ତର୍ଜାତିକ ସ୍ତରରେ ସମ୍ପର୍କକୁ ସୁଦୃଢ଼ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି।

ଆଲୋଚନା ପରେ ଭାରତ-ଫ୍ରାନ୍ସ ସମ୍ପର୍କର ଅଗ୍ରଗତି ନେଇ ଏକ ମିଳିତ ବିବୃତି ଗୃହୀତ ହୋଇଛି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି। ପ୍ରଯୁକ୍ତି ବିଦ୍ୟା ଏବଂ ଉଦ୍ଭାବନ, ବେସାମରିକ ପରମାଣୁ ଶକ୍ତି,

ତ୍ରିକୋଣୀୟ ସହଯୋଗ, ପରିବେଶ, ସଂସ୍କୃତି ଏବଂ ଲୋକ ସମ୍ପର୍କ କ୍ଷେତ୍ରରେ ୧୦ଟି ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ୟୁନିଅନ୍ ବଜେଟ୍- ସୋନଓ୍ୱାଲ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ୨୦୨୯ ମସିହା ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ।

ଅଗରତାଲାରେ କେନ୍ଦ୍ର ବଜେଟ ୨୦୨୫-୨୬ ଉପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୋନଓ୍ୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗ୍ରହଣ କରିଥିବା ନୀତି ଏବଂ କାର୍ଯ୍ୟକ୍ରମ ନାଗରିକମାନଙ୍କ ସାମାଜିକ-ଅର୍ଥନୈତିକ ମାନକୁ ଉନ୍ନତ କରିଛି ।

ସୁଶାସନ ଲୋକଙ୍କୁ ସମ୍ମାନର ସହ ବଞ୍ଚିବାରେ ସକ୍ଷମ କରିଛି ବୋଲି ସେ କହିଛନ୍ତି । ଅନୁସୂଚିତ ଜାତି/ଜନଜାତି ସମ୍ପ୍ରଦାୟର ପ୍ରଥମ ଥର ପାଇଁ ମହିଳା ଉଦ୍ୟୋଗୀଙ୍କୁ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ ବୋଲି ମନ୍ତ୍ରୀ କହିଛନ୍ତି ।

ସେ କହିଛନ୍ତି, ଏମ.ଏସ.ଏମ.ଇ ଅଧୀନରେ ଋଣ ୫ କୋଟି ଟଙ୍କାରୁ ୧୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ୪ କୋଟି ୭୮ ଲକ୍ଷ

ପଞ୍ଜୀକୃତ ୟୁନିଟ୍ ଥିବା ଏହି କ୍ଷେତ୍ର ୨୦ କୋଟି ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଛି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଘୋଷଣା ଅନୁଯାୟୀ ବାର୍ଷିକ ୧୨ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେତନଭୋଗୀଙ୍କୁ କୌଣସି ଆୟକର ଦେବାକୁ ପଡ଼ିବ ନାହିଁ। ଏହି ଆୟକର ନୀତି ଦ୍ୱାରା ୫ କୋଟି ୬୫ ଲକ୍ଷ ଲୋକ ଉପକୃତ ହେବେ ଏବଂ ମଧ୍ୟବିତ୍ତ ଲୋକଙ୍କୁ ସର୍ବାଧିକ ଆଶ୍ୱସ୍ତି ମିଳିବ ବୋଲି ସେ କହିଛନ୍ତି। ଶ୍ରୀ ସୋନୱାଲ କହିଛନ୍ତି, ୩ ଲକ୍ଷ ୩ ହଜାର ଲୋକଙ୍କ ବ୍ୟବହାରିକ କ୍ଷମତା ବୃଦ୍ଧି ପାଇବା ସହ ପ୍ରାୟ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ କରାଯାଇପାରିଛି ।

ସେ କହିଛନ୍ତି, ଶ୍ରୀ ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ବିକାଶ ପଥରେ ଅଗ୍ରସର ହେଉଛନ୍ତି। କୃଷି ଓ ଉଦ୍ୟାନ କୃଷିରେ ସମୃଦ୍ଧ ଏହି ଅଞ୍ଚଳରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳୁଛି ।୧୨ ଲକ୍ଷ ୫ ହଜାର ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଆସାମର ନାମରୂପ ୟୁରିଆ କାରଖାନା ସ୍ଥାପନ ପାଇଁ ବଜେଟ୍‌ରେ ବ୍ୟବସ୍ଥା ଫଳରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସେହି ଅଞ୍ଚଳ ଓ ପଡ଼ୋଶୀ ଦେଶଗୁଡ଼ିକ ଉପକୃତ ହେବେ। ଏହାବ୍ୟତୀତ ତ୍ରିପୁରା ଭଳି ରାଜ୍ୟ ସପୁରୀ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଜାତ ଦ୍ରବ୍ୟ ରପ୍ତାନି ମାଧ୍ୟମରେ ବିଶ୍ୱ ବଜାରରେ ସ୍ଥାନ ପାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବଜେଟରେ

ସାମୁଦ୍ରିକ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବା ସହିତ ତାଙ୍କ ମନ୍ତ୍ରଣାଳୟ ତ୍ରିପୁରାର ଗୋମତୀ ନଦୀର ଜଳପଥ ବିକାଶକୁ ମଧ୍ୟ ସୁନିଶ୍ଚିତ କରିପାରିବ  ବୋଲି ଶ୍ରୀ ସୋନଓ୍ୱାଲ କହିଛନ୍ତି ।

## ମୁମ୍ବାଇ-ଗୁଲିଆନ୍

ଗୁଲିଆନ୍-ବାରେ ସିଣ୍ଡ୍ରୋମ୍ ଯୋଗୁଁ ମୁମ୍ବାଇରେ  ଜଣଙ୍କର ମୃତ୍ୟୁ ଘଟିଛି । ବ୍ରିହାନ୍ ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍‌ର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଗତକାଲି ୫୩ ବର୍ଷୀୟ ଜଣେ ବ୍ୟକ୍ତିଙ୍କର ଏଥିଯୋଗୁଁ ପ୍ରାଣହାନି ଘଟିଛି । ଗୋଡ଼ ଦୁର୍ବଳ ହୋଇଯାଉଥିବାରୁ ସଂପୃକ୍ତ ବ୍ୟକ୍ତିଙ୍କୁ  ଜାନୁଆରୀ ମାସ ୨୩ ତାରିଖରେ ନାୟାର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ପ୍ରଥମେ ଆଇ.ସି.ୟୁ. ଓ ପରେ ଭେଣ୍ଟିଲେଟରରେ ରଖାଯାଇଥିଲା । ତାଙ୍କଠାରେ ଗୁଲିଆନ୍ -ବାରେ ଲକ୍ଷଣ ଦେଖାଯାଇଥିଲା । ଡାକ୍ତରଖାନା ପକ୍ଷରୁ କୁହାଯାଇଛି ଯେ, ସଂପୃକ୍ତ ରୋଗୀଙ୍କଠାରେ ଜ୍ୱର କିମ୍ୱା ଡାଇରିଆ ଥିବାର ଲକ୍ଷଣ ଦେଖାଯାଇ ନଥିଲେ ମଧ୍ୟ ସେ  ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିବା ଡାକ୍ତର ଜାଣିବାକୁ ପାଇଥିଲେ ।

ହସ୍ପିଟାଲ ପକ୍ଷରୁ ପୁଣି କୁହାଯାଇଛି,  ଏଭଳି ଲକ୍ଷଣ ଥିବା ଜଣେ ୧୬ ବର୍ଷୀୟ ରୋଗୀଙ୍କୁ ଚିକିତ୍ସା କରାଯାଉଛି । ବ୍ରିହାନ୍ ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ କହିଛି ଯେ  ଏଭଳି ଲକ୍ଷଣ ଥିବା ରୋଗୀଙ୍କୁ ଚିକିତ୍ସା କରିବା

ଲାଗି ସରକାରୀ ଡାକ୍ତରଖାନା ଏବଂ ମେଡ଼ିକାଲ କଲେଜରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି ।

## ରିଜଭ ବ୍ୟାଙ୍କ

ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରୀ କାରବାର କରୁଥିବା ସମସ୍ତ ବ୍ୟାଙ୍କଗୁଡ଼ିକୁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ଦିନ ସମସ୍ତ ଶାଖାକୁ ଖୋଲା ରଖିବାକୁ କହିଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସରକାରୀ ଦେୟ ଏବଂ ପ୍ରାପ୍ୟ ସହ ଜଡ଼ିତ ବ୍ୟାଙ୍କଗୁଡ଼ିକ ମାର୍ଚ୍ଚ ୩୧ ତାରିଖ ଦିନ ଖୋଲା ରଖିବାକୁ ବୋଲି ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି।

## ମୁଦ୍ରାସ୍ଫୀତି ସର୍ବନିମ୍ନ

ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଗତ ମାସରେ ୪ ଦଶମିକ ୩/୧ ପ୍ରତିଶତ ରହିଛି। ଯାହାକି ଗତ ୫ ମାସ ମଧ୍ୟରେ ସର୍ବନିମ୍ନ। ଡିସେମ୍ବର ମାସରେ ଏହା ୫ ଦଶମିକ ୨/୨ ପ୍ରତିଶତ ଥିଲା। ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ୪ ଦଶମିକ ୬/୪ ପ୍ରତିଶତ ଥିବା ବେଳେ ସହରାଞ୍ଚଳରେ ଏହା ୩ ଦଶମିକ ୮/୭ ପ୍ରତିଶତ ରହିଛି।

ସର୍ବଭାରତୀୟ ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ ଆଧାରରେ ଗତ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ଅସ୍ଥାୟୀ ଭାବେ ୬ ଦଶମିକ ୦/୨

ପ୍ରତିଶତ ରହିଛି, ଯାହା ଗତ ଡିସେମ୍ବରରେ ୮ ଦଶମିକ ୩/୯ ପ୍ରତିଶତ ଏବଂ ନଭେମ୍ବରରେ ୯ ଦଶମିକ ୦/୪ ପ୍ରତିଶତ ଥିଲା । ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୬ ଦଶମିକ ୩/୧ ପ୍ରତିଶତ ରହିଥିବା ବେଳେ ସହରାଞ୍ଚଳରେ ଏହା ୫ ଦଶମିକ ୫/୩ ପ୍ରତିଶତ ରହିଛି ।

ପନିପରିବା, ଅଣ୍ଡା, ଡାଲି ଏବଂ ଉତ୍ପାଦ, ଶସ୍ୟ ଓ ଉତ୍ପାଦ, ଶିକ୍ଷା, ପୋଷାକ ଏବଂ ସ୍ୱାସ୍ଥ୍ୟର ମୁଦ୍ରାସ୍ଫୀତି ହ୍ରାସର ପ୍ରମୁଖ କାରଣ ବୋଲି ମନ୍ତ୍ରଣାଳୟ କହିଛି ।

# ଭିପି-ମାଳଦ୍ୱୀପ ଡେଲିଗେସନ୍

ମାଳଦ୍ୱୀପ ପିପୁଲ୍ସ ମଜଲିସ୍‌ର ବାଚସ୍ପତି ଅବଦୁଲ ରହିମ ଅବଦୁଲ୍ଲାଙ୍କ ନେତୃତ୍ୱରେ ମାଳଦ୍ୱୀପର ଏକ ସଂସଦୀୟ ପ୍ରତିନିଧି ଦଳ ଆଜି ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କୁ ଭେଟିଛନ୍ତି । ବୈଠକରେ ଭାରତ ଓ ମାଳଦ୍ୱୀପ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ।

# ଅହମ୍ମଦାବାଦ ମ୍ୟାଚ୍

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଉଥିବା ଭାରତ-ଇଂଲଣ୍ଡ ଏକ ଦିବସୀୟ ଶୃଙ୍ଖଳାର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ' ଇଂଲଣ୍ଡ ସମ୍ମୁଖରେ ୩୫୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ।

ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୫୦ ଓଭରରେ  ସମସ୍ତ ୱିକେଟ୍ ହରାଇ ୩୫୬ ରନ୍‌ର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଉପ ଅଧିନାୟକ ଶୁଭମନ ଗିଲ୍ ୧୧୨ ରନ୍ କରିଥିବା ବେଳେ ଶ୍ରେୟାସ ଆୟାର ୭୮ ରନ୍ କରିଥିଲେ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୩୫୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୧୮ ଓଭରରେ ୩ ୱିକେଟ୍ ହରାଇ ୧୨୬ ରନ୍ ସଂଗ୍ରହ କରିଛି।

ଏକଦିବସୀୟ ଶୃଙ୍ଖଳାର ପ୍ରଥମ ଦୁଇଟି ଯାକ ମ୍ୟାଚ୍ ଜିତି ଭାରତ ୨-୦ରେ ସିରିଜ୍ ଅଗ୍ରଣୀ ରହିଛି।